# Akashvani, Sambalpur

## SAMBALPURI NEWS EVENING BULLETIN

## 01 October 2025- 7.02 pm- 7.12 pm.

*********************************************

୧- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରସେବା ସହେତେ ସମାଜ୍‌କେ ସଶକ୍ତ କର୍‌ବାର ଦିଗେ ସମର୍ପିତ୍ଃ କହେଲେ ପ୍ରଧାନମନ୍ତ୍ରୀ ।

୨- କେନ୍ଦ୍ର କର୍ମଚାରୀଙ୍କର ମହଙ୍ଗା ଭତା ବଢ଼୍‌ଲା ୩ ପ୍ରତିଶତ୍ ।

ଦେଶେ ୫୭ଟା ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା ପ୍ରସ୍ତାବ୍‌କେ କେବିନେଟ୍‌ର ଅନୁମୋଦନ୍ ।

୩- ରାଜ୍ୟର୍ ଭିନ୍ ଭିନ୍ ଶକ୍ତିପୀଠନ ମାଁ ଦୁର୍ଗାଙ୍କର ଦଶମି ପୂଜା ଆଉ ମଣ୍ଡପ୍‌ମାନ୍‌କେ ଚାଲିଛେ ନଅମି ପୂଜା ।

ଆଉର୍

୪- ବଙ୍ଗୋପସାଗର ନ ଲଘୁଚାପ୍ ବଲେ ଆଏବା ଶନିବାର୍ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଅନୁମାନ କଲା ପାଣିପାଗ କେନ୍ଦ୍ର ।

ପ୍ରଧାନମନ୍ତ୍ରୀ-ଆର୍‌ଏସ୍‌ଏସ୍ ଏନ୍‌ଏସ୍‌ଡି

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ-ଆର୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ରସେବା ସହେତେ ସମାଜ୍‌କେ ବର୍‌କସ୍ କର୍‌ବାର୍ ଦିଗେ ପରିଶ୍ରମ କରି କରି ଦେଶ୍ ସେବାଥି ପୂରାପୂରି ସମର୍ପିତ୍ ଅଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ର ନ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍....

(ଭଏସ୍ ଓଭର----ପ୍ରଧାନମନ୍ତ୍ରୀ)

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଶହେ ବଛର୍ ଆଗୋନୁ ଇ ମହାନ୍ ଦିସବ୍ ଦିନ ଗୁଟେ ସଙ୍ଗଠନ୍ ଭାବେ ଆର୍‌ଏସ୍‌ଏସ୍ ଥାପ୍‌ନା ଖାଲି ଗୁଟେ ସଂଯୋଗ ନାଇସେ । ଇଟା ହଜାର ହଜାର ବଛର୍ ଧରିକରି ଚାଲି ଆସିଥିବା ଗୁଟେ ପରମ୍ପରାର୍ ପୁନରୁତ୍‌ଥାନ୍ ଥିଲା । ଆର୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ୧୯୬୩ ମସିହା ସାଧାରଣତନ୍ତ୍ର ଦିବସ୍ ପରେଡ୍ ଥି ସାମିଲ୍ ହେଇକରି ଗର୍ବର୍ ପଦଯାତ୍ରା କର୍‌ବାରଟାକେ ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ସୁର୍‌ତା କରିଛନ୍ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇ ସମାରୋହଥି ଦେଶ୍ ଲାଗି ଆର୍‌ଏସ୍‌ଏସ୍‌ର ଅବଦାନ୍‌କେ ଆଧାର୍ କରି କରି ତିଆର୍ ହେଇଥିବା ଖାସ୍ ସ୍ମାରକୀ ଡାକ ଟିକେଟ୍ ଆଉ ମୁଦ୍ରାକେ ଉନ୍ମୋଚନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଉଦ୍‌ବୋଧନ୍ ଦେଇକରି

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍, ଆର୍ଏସ୍ଏସ୍ ଲୁକ୍କର ଭିତ୍ରେ ରାଷ୍ଟ୍ର ନିର୍ମାଣ ଆଉ ସାଂସ୍କୃତିକ୍ ସଚେତନ୍ତା ଭାବ୍ନାକେ ଜାଗ୍ରତ୍ କରୁଛେ ।

କେନ୍ଦ୍ର କର୍ମଚାରୀ ଡିଏ ବୃଦ୍ଧି ଏନ୍ଏସ୍ଡି

କେନ୍ଦ୍ର ସରକାର କେନ୍ଦ୍ର ସରକାରୀ କର୍ମଚାରୀ ଆଉ ପେନ୍ସନ୍ ଭୋଗୀଙ୍କର୍ମାନ୍ଙ୍କର ମହଙ୍ଗା ଭତା-ଡିଏ ଆଉ ଡିଆର୍ ୩ ପ୍ରତିଶତ୍ ବଢ଼େଇଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ର ବୈଠକ୍ଥି ଇ ବାବଦ୍ ଗୁଟେ ପ୍ରସ୍ତାବ୍କେ ଅନୁମୋଦନ୍ କରାଯାଇଛେ । କେବିନେଟ୍ ନିଷ୍ପତି ବାବ୍ଦେ ଗଣମାଧ୍ୟମକେ ସୂଚ୍ନା ଦେଇକରି କେନ୍ଦ୍ର ସୂଚ୍ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, କେନ୍ଦ୍ର ସରକାରଙ୍କର ଇ ନିଷ୍ପତିଥି ୪୯.୨ ଲାଖ୍ କେନ୍ଦ୍ରୀୟ କର୍ମଚାରୀ ଆଉ ୬୭.୭ ଲାଖ୍ ପେନ୍ସନ୍ ଭୋଗୀ ଲାଭ୍ ପାଏବେ । ବଢ଼୍ତି ମହଙ୍ଗା ଭତା ପିଛ୍ଲା ହିସାବେ ଜୁଲାଇ ୧ ତାରିଖ୍ନୁ ଲାଗୁ ହେବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର---ଅଶ୍ୱିନୀ ବୈଷ୍ଣବ୍)

ଶ୍ରୀ ବୈଷ୍ଣବ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ, ଦେଶେ ଆଉ ୫୭ଟା ନୂଆ କେନ୍ଦ୍ରୀୟ ବିଦ୍ୟାଲୟ ଥାପ୍‌ନା ପ୍ରସ୍ତାବ୍‌କେ ଭିଲ୍ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ମିଳିଛେ । ଇଥିର୍ ଲାଗି ସରକାର ୫ ହଜାର ୮ ଶହ ୬୨ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କର୍‌ବେ । ଦେଶର୍ ମାଓବାଦୀ ପ୍ରଭାବିତ୍, ଆକାଂକ୍ଷୀ ଜିଲ୍ଲା ସହେତେ ଯେନ୍ ଯେନ୍ ଜିଲ୍ଲା ନ ବିଲ୍‌କୁଲ୍ କେନ୍ଦ୍ରୀୟ ବିଦ୍ୟାଲୟ ନାଇ ନ ସେନ ଇ ସ୍କୁଲ୍ ଥାପ୍‌ନା ଲାଗି ପ୍ରାଥମିକ୍‌ତି ଦିଆଯିବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ସେନ୍ତା ୨୦୨୬-୨୭ ଆର୍ଥିକ୍ ବଛ୍‌ରେ ସୂର୍ଯ୍ୟମୁଖୀ ଫୁଲ୍‌ର ଏମ୍‌ଏସ୍‌ପି କୁଇଂଟାଲ୍ ପିଛା ୬ ଶହ ଟଙ୍କା ଆଉ ମୁସ୍‌ରି ଦାଏଲ୍‌ର ଏମ୍‌ଏସ୍‌ପି କୁଇଂଟାଲ୍ ପିଛା ୩୦୦ ଟଙ୍କାକେ ବଢ଼େଇଛନ୍ । ୨୦୨୫-୨୬ ନୁ ୨୦୩୦-୩୧ ଆର୍ଥିକ୍ ବଛର୍ ଭିତ୍‌ରେ ବିହନ୍ କ୍ଷେତ୍ରଥି ଆତ୍ମନିର୍ଭର୍ ହେବାର୍ ଲାଗି ୧୧ ହଜାର ୪ ଶହ ୪୦ କୋଟି ଟଙ୍କାର୍ ଖାସ୍ ଅଭିଯାନ୍‌କେ ଭିଲ୍ କେନ୍ଦ୍ର କେବିନେଟ୍ ଅନୁମୋଦନ୍ କରିଛନ୍ ବଲି ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ କଟକ ଗସ୍ତ          କଟକ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ କଟକର ଭିନ୍ ଭିନ୍ ପୂଜା ମଣ୍ଡପ୍ ବୁଲିକରି ମାଁଙ୍କର୍ ଦର୍ଶନ୍ କରିଛନ୍ । ତାର୍ ଉତ୍ରୁ ମୁଖ୍ୟମନ୍ତ୍ରୀ ସର୍କିଟ୍ ହାଉସ୍ଠାନେ ସାମ୍ବାଦିକ୍ମାନ୍କର ସଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ । ଇ ଅବ୍ସରେ କାଏଲ୍ ଯାତ୍ରା ବାବ୍ଦେ ମୁଖ୍ୟମନ୍ତ୍ରୀ କହିଛନ୍, ଐତିହାସିକ୍ ବାଲିଯାତ୍ରାକେ ନଜର୍ଥି ରଖିକରି ହାଇକୋର୍ଟନୁ ଅନୁମତି ଅନାଯାଇକରି ମହାନଦୀ ଉପର୍ ଆଉ ତଲ୍ ପଡ଼ିଆ ନ ଯାତ୍ରା ଆୟୋଜନ୍ କରାଯିବା ।

ମହାନବମୀ ପୂଜା   ସମ୍ବଲପୁର/ସୋନ୍ପୁର୍/ବୌଦ୍ଧ/ନୂଆପଡ଼ା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍ଜନନୀ ମା ଦୁର୍ଗାଙ୍କର୍ ଆଏଜ୍ ଶକ୍ତିପୀଠମାନ୍କେ ଦଶ୍ମୀ ପୂଜା କରାଯାଉଛେ । ସେନ୍ତା ଗାଁନୁ ନେଇକରି ସହର୍ତକ୍ ମଣ୍ଡପ୍ମାନ୍କେ ମୃଣ୍ମୟୀ ସାର୍ବଜନୀନ ମହାନବମୀ ପୂଜା ଆର୍ ସଖାଲୁ ହୋମଯଜ୍ଞ ମୁଲ୍ ହେଇଛେ । ଶ୍ରୀକ୍ଷେତ୍ର ପୁରୀ ନ ମା ବିମଳାଙ୍କର୍ ଆଏଜ୍ ବିଶ୍ରାମ୍ ପୂଜା ହେଉଛେ ।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଟମଙ୍ଗଲାଙ୍କର୍ ସହେତେ ବାକି ଦେବୀ ପୀଠ ମାନ୍କେ ଜଗତ୍ଜନନୀଙ୍କର୍ ଦର୍ଶନ୍ ଲାଗି ଭକ୍ତମାନ୍କର୍ ଭିଡ଼୍

ଲାଗି ରହିଛେ । ଜିଲ୍ଲାର୍ ଚିପିଲିମାର୍ ଘଂଟେଶ୍ୱରୀ ପୀଠ ନ ଗଲାକାଏଲ୍ ଜଗଦ୍ଧାତ୍ରୀ ଦେବୀଙ୍କର୍ ପୂଜା କରାଯାଇଥିବାର୍ ବେଲେ ଆଏଜ୍ ଦଶ୍ମୀ ତିଥି ନ ଅପରାଜିତାଙ୍କୁ ଆବାହନ୍ କରାଯାଉଛେ ।

ସମ୍ବଲ୍ପୁର୍  ମହାନଗର୍ ନିଗମ୍ ଇଲାକାଥି ୬୯ ଟା ଜାଗା ସହେତେ ଜିଲ୍ଲା ନ ଶହେ ନୁ ଅଏତ୍କା ମଣ୍ଡପ୍ଥି ଦେବୀଙ୍କର୍ ପ୍ରତିମା ପୂଜା ଚାଲିଛେ । ଉଛାଦର୍ଜାର୍ ତୋରଣ୍ ସାଙ୍ଗେ ମଣ୍ଡପ୍ ଆର୍ ଆଖର୍ପାଖର୍ ଇଲାକା ରଙ୍ଗୀନ୍ ଆଲୋକ୍ମାଲାଥି ଝଲ୍ସୁଛେ ।

ସୁବର୍ଣ୍ଣପୁର ପ୍ରସିଦ୍ଧ ମହାବଲୀ ଯାତ୍ରା ମହାସମାରୋହଥି ହେଇଯାଇଛେ । ଖମ୍ବେଶ୍ୱରୀ ମନ୍ଦିର ପରିସର୍ନ କଳା-ଧଳା ଛତର୍ ଧରି ଚେପ୍ଟା ଢୋଲ୍ ଉପ୍ରେ ନାଚୁଥିବା ମହାବଲୀଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ୍ କରିଛନ୍ । ତାର୍ ଉତରୁ ମହାବଲୀ ଖମ୍ବେଶ୍ୱରୀ ମନ୍ଦିର ନୁ ସୁରେଶ୍ୱରୀ ମନ୍ଦିରକେ ଯାଇକରି ଶିଘାଚୁଲ୍ ବାନ୍ଧିଥିଲେ ।

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ଆରାଧ୍ୟ ଦେବୀ ପାଟଣେଶ୍ୱରୀଙ୍କର ପ୍ରସିଦ୍ଧ ବଏଲ୍ ଯାତ୍ରା ହେଇଯାଇଛେ । ମାଁ ପାଟଣେଶ୍ୱରୀ ବରୁଆ ଦେହେ ବିଜେ ହେଇକରି  ଭକ୍ତଙ୍କୁ ଦର୍ଶନ୍ ଦେଇଛନ୍ । ଜିଲ୍ଲାର୍ ଶକ୍ତିପୀଠମାନ୍କେ ଷୁଲହ ପୂଜା ଚାଲିଥିବାର୍ ବେଲେ ଶତାଧିକ ପୂଜା ମଣ୍ଡପ୍ ନ ଦୁର୍ଗାପୂଜା ପାରମ୍ପରିକ ରୀତିନୀତିଥି କରାଯାଉଛେ ।

ନୂଆପଡ଼ା ଜିଲ୍ଲା ନ ଭିଲ୍ ଗାଁନୁ ସହର୍‌ତକ ମାଁଙ୍କର୍ ୯ ଦିନିଆ ପୂଜା କରାଯାଉଛେ । ଇ ଅବ୍‌ସରେ ନବକନ୍ୟାଙ୍କର ପୂଜାର୍ଚ୍ଚନା କରାଯାଉଛେ । ନଅମି ଦିନ ଜିଲ୍ଲାର୍ ଖଡ଼ିଆଲ କ୍ଷେତ୍ରୀୟ ଯୁବ କ୍ରୀଡ଼ା ଆଉ ସାଂସ୍କୃତିକ୍ ଅନୁଷ୍ଠାନ୍ ତର୍‌ଫୁ ନଗର ପରିକ୍ରମା କରାଯାଇଥିଲା । ଇ ସମିଆଥି ମଶାଲ୍ ଶୋଭାଯାତ୍ରା ସଙ୍ଗେ ଖଣ୍ଡାଯୁଦ୍ଧ, ଖଣ୍ଡା ଚାଲ୍‌ନା, ସମରାଭ୍ୟାସ୍ କରିଥିଲେ ।

ସେବା ପର୍ବ-ବିଶ୍ୱସ୍ତରୀୟ ସହଭାଗିତା    ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍‌କାର୍ ବିଶ୍ୱସ୍ତରୀୟ ସହଭାଗିତା କ୍ଷେତ୍ରଥି ଭାରତର୍ ସ୍ଥିତିକେ କେନ୍ତାକରି ମଜ୍‌ଭୁତ୍ କରିପାରିଛନ୍ । ଇ ବାବ୍‌ଦେ ଗୁଟେ ରିପୋର୍ଟ.......

(ଭଏସ୍ ଓଭର୍- ବିସ୍ମିତା ପଧାନ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ବିଶ୍ୱସ୍ତରେ ଭାରତର ସମ୍ପର୍କଥି କେତ୍‌ନିକେତେ ବଦ୍‌ଲାବ୍ ଆସିଛେ । ବୈଦେଶିକ୍ ବ୍ୟାପାର୍ କ୍ଷେତ୍ରଥି ଦେଶ୍‌କେ ଗୁଟେ ପ୍ରଭାବଶାଳୀ ଶକ୍ତି ଭାବେ ପରିଚିତ୍ କରାଯାଇଛେ । ପୁର୍‌ଥିର୍ ଦକ୍ଷିଣ ପ୍ରାନ୍ତର୍ ଦେଶ୍‌ମାନ୍‌କର ଲାଗି ଭାରତର୍ ଦୃଷ୍ଟିକୋଣ ଆଉ ପ୍ରତିବଦ୍ଧତା ଗୁଟେ ବିକାଶଶୀଲ ରାଷ୍ଟ୍ର ଭାବେ ବର୍‌କସ୍ ପ୍ରତିନିଧିତ୍ୱ ନେଉଛେ । ଇ ଚିନ୍ତାଧାରାଥି ଭାରତ୍‌ର ଅଧକ୍ଷତାଥି ଜି-୨୦ଥି ଆଫ୍ରିକୀୟ ସଂଘକେ ଅନ୍ତର୍ଭୁକ୍ତ କର୍‌ବାର୍ ଲାଗି ଚେରେଷ୍ଟା ଆଉ କୋଭିଡ୍-୧୯ ମହାମାରୀ ସମିଆଥି ଭାରତର୍ ପ୍ରତିଷେଧକ୍ ଟୀକା ମୈତ୍ରୀର୍ ପ୍ରତିଫଳନ୍ ଆଏ । ପ୍ରଧାନମନ୍ତ୍ରୀ କହିଛନ.....

(ଭଏସ୍----ପ୍ରଧାନମନ୍ତ୍ରୀ)

ଭାରତର ବହୁପାକ୍ଷିକ୍ ସମ୍ପର୍କର ମୂଳେ ଜାତୀୟ ସ୍ୱାର୍ଥ ଆଉ ରଣନୀତିର୍ ସ୍ୱାୟତତାର୍ ସିଦ୍ଧାନ୍ତ ରହିଛେ । ବ୍ରିକ୍ସ, କ୍ୱାଡ୍ ଆଉ ଏସ୍‌ସିଓ ବାଗିର୍ ମଚାନ୍‌ନ ଭାରତର୍ ଯୋଗଦାନ୍ ଇତାର୍ ପ୍ରତିଫଳନ୍ ଆଏ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଭିନ୍ ଭିନ୍ ରାଷ୍ଟ୍ର ଗସ୍ତ ଜରିଏ ଭାରତ୍‌କେ ବିଶ୍ୱସ୍ତର୍‌ଥି ଅଗ୍ରଣୀ ରାଷ୍ଟ୍ରର୍ ମାଏନ୍‌ତା ମିଳିଛେ ଆଉ ସେସବୁ ଦେଶ୍ ସହେତେ ଦେଶର୍ ସହଭାଗିତାକେ ମଜ୍‌ଭୁତ୍ କରିଛେ ।

*ଆକାଶବାଣୀ ସମ୍ବଲପୁର ସମ୍ବାଦବିଭାଗ୍ ତର୍‌ଫୁ ବିସ୍ମିତା ପଧାନ ।*

*(ସେବା ପର୍ବ ଏସ୍.ଟି)*

ସ୍ୱେଚ୍ଛାକୃତ୍ ରକ୍ତଦାନ ଦିବସ/ଜରା ଦିବସ ଆର୍‌ଏନ୍‌ୟୁ/
ସମ୍ବଲପୁର

ସ୍ୱେଚ୍ଛାକୃତ୍ ରକ୍ତଦାନକେ ତହଁକାବାର୍, ରକ୍ତ ସଂଗ୍ରହ କେନ୍ଦ୍ରମାନ୍‌କର ଲାଗି ଆବଶ୍ୟକ୍ ଭିତିଭୂମିର ସୁବିଧା ଆଉ ଜାତୀୟ ରକ୍ତ ନୀତିକେ କାର୍ଯ୍ୟକାରୀ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ଜାତୀୟ ସ୍ୱେଚ୍ଛାକୃତ୍ ରକ୍ତଦାନ୍ ଦିବସ୍ ପାଲନ୍ କରାଯାଉଛେ । 'ରକ୍ତଦାନ ମହତ୍ ଦାନ୍' ବାବ୍‌ଦେ ଜନ ସଚେତନ୍‌ତା ବଢ଼ାବାର ଲକ୍ଷ୍ୟଥି ସରକାରୀ ଆଉ ବେସରକାରୀ ସ୍ତର ନ ଭିନ୍ ଭିନ୍ ସଚେତନ୍‌ତା ମୂଲକ୍ କାର୍ଯ୍ୟକ୍ରମ କରାଯାଇଛେ ।
ବରିଷ୍ଠ ନାଗରିକଙ୍କର୍ ଅଭିଜ୍ଞତା ଆଉ ବୁଦ୍ଧିମତାକେ ସମ୍ମାନ୍ ଦେବାର୍ ଲକ୍ଷ୍ୟଥି ଆଏଜ୍ ଅନ୍ତର୍ଜାତୀୟ ଜରା ଦିବସ୍ ଭିଲ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହଉଛେ ସ୍ଥାନୀୟ ଆଉ ବିଶ୍ୱସ୍ତରୀୟ କାମ୍‌କେ ପରିଚାଲିତ୍ କରୁଥିବା ବୟସ୍କ ବ୍ୟକ୍ତି- ଆମର ଆକାଂକ୍ଷା, ଆମର ମଙ୍ଗଲ ଆଉ ଆମର ଅଧିକାର' ।

ସିଆର୍‌ପିଏଫ୍ କେମ୍ପ ରକ୍ତଦାନ ଶିବିର ସମ୍ବଲପୁର
ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ଗୋଶାଲା ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ର ନ ସ୍ୱେଚ୍ଛାକୃତ୍ ରକ୍ତଦାନ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ କେନ୍ଦ୍ର ପରିସର୍ ନ ଗୁଟେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର୍ ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ରକ୍ତଦାନ୍ କର୍‌ବାର ଲାଗି ଲୁକ୍‌କୁ ସଚେତନ୍ ଭିଲ୍ କରାଯାଇଥିଲା ।

ରକ୍ତଦାନ ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତାଲିମ କେନ୍ଦ୍ର ନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲା ନ ରକ୍ତର ଆବଶ୍ୟକ୍‌ତାକେ କେନ୍ତାକରି ପୂରା କରାଯାଇ ପାର୍‌ବା ସେ ବାବ୍‌ଦେ ଆଲୋଚନା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ନ ଆଏଜ୍ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇଟା ଘନୀଭୂତ୍ ହେଇକରି ଆଏବାକାଏଲ୍ ସଖାଲ୍ ତକ୍ ଅବପାତ ରୂପ୍ ନେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ୪ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍

ଜାଗାନ ବର୍ଷାର ସମ୍ଭାବନା ରହିଛେ । କଳାହାଣ୍ଡି ସହେତେ ୮ଟା ଜିଲ୍ଲା ନ ଘଡ଼ଘଡ଼ି ସଙ୍ଗେ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।